# ନୀତିର ପ୍ରୀତି

ଶ୍ରୀ ଜୟନ୍ତ ନାରାୟଣ ପଣ୍ଡା

ଦ୍ୱା ରଫିଟା ନୀତି ଠାରୁ
ବେଶ ବଡ଼ସିଂହାର
ପହୁଡ଼ ପଡ଼ିବା ଯାଏ-
ଚାଲିଥାଏ ନୀତି
ଧରି କେତେ ଅତୀତର
ପ୍ରଥା ପରମ୍ପରା
ଏ ସଂସ୍କୃତି ସ୍ୱତନ୍ତ୍ର ନିଆରା
ଯେଉଁଠାରେ ଭରିଅଛି
ମନଚୋରା ପ୍ରାଣଭରା
ଜଗନ୍ନାଥ-ପ୍ରୀତି ।
ଏହି 'ନୀତି' ହୋଇଅଛି
ନୀତିକର୍ତ୍ତା ଖିଆଲି ମନର
ନିଜ ଇଚ୍ଛା, ସ୍ୱାଧୀନତା-ବଳେ,
ସେଠି ନାହିଁ ଡ଼ର ଭୟ
ବିବେକ ବିଧାନ,
ଇଚ୍ଛାଶକ୍ତି ବଳେ ହୁଏ-
ପାଟି......
'ନୀତି ଆମେ କରିବୁ ନାହିଁଟି' ।
ତୁଣ୍ଡେ ସଦା ଜଗନ୍ନାଥ ନାମ
ବୁକୁ ତଳେ ଥାଏ ଚିହ୍ନ ବର୍ଣ୍ଣ ?
ନୀତି କରେ ନିର୍ଭରତା
ନିଜର ଉପରେ,
ମନ ମିଞ୍ଜାସର
'ହଁ' 'ନା' ଠାରେ,
କେଉଁ ଅପରାଧ-
କରିଥିଲା
ବିଚରା ସେ
ଚର୍ଚ୍ଚା ଅମୀନ ?
ସେବାକାରୀ ସେବକମାନଙ୍କୁ
ଦ୍ୱାର ଦ୍ୱାର ଘର ଘର
ବୁଲି, ମାରଇ କୁହାଟ
ପକାଇ ଦେବାକୁ ମନେ-
ଆଜି ଅଛି ପାଳି
ଶ୍ରୀଜୀଉଙ୍କ ନୀତି-
ମନ୍ଦିରରେ ।
ବିଚିତ୍ର ଏ ଚିନ୍ତାଧାରା
ଦୂତର ଡ଼ାକରା
ତାଗିଦ୍ ... ତଲବ,
କେତେ ସଭା ସମିତିର
ପାଟିତୁଣ୍ଡ... ନୀତିବାଣୀ
କାର୍ଯ୍ୟାଳୟେ, ମାଜଣା ମଣ୍ଡପେ,
କିନ୍ତୁ କାହିଁ....
କାହିଁ ପଦ୍ମ
ଯାଉଅଛି ଘୁଞ୍ଚି ?
ଏ କି ଅବିଚାର
କୁହ ହେ ଠାକୁର ?
କାହିଁ ପାଇଁ ପାଦପଦ୍ମେ
ଖଟୁଥିବା ଖଟଣିଆ
ସେବକମାନଙ୍କୁ,
ଡ଼ାକିବାକୁ ଯିବ ଜଣେ,
ଅନ୍ୟ ଜଣେ-
ଜଗି ବସିଥିବ,
ପାଟିକରି ରଡ଼ିଛାଡ଼ି
ଡ଼ାକୁଥିବେ
ବଡ଼ ବଡ଼ ବାବୁ...
ଦଉଡ଼ାଇ ଦେବାଲାଗି
ବାକିଥିବା-
ମାଳ ମାଳ ନୀତି ।
ତମକୁ ମୋ' ରାଣ-
ମହାପ୍ରଭୁ !
ଏତିକି କାକୁତି
ବିନୀତ ପ୍ରାର୍ଥନା ଅଳି
ଭକତ ମିନତି...
ନୀତିକାରୀ ସେବକଙ୍କ ପ୍ରାଣେ
ଟାଣିଦିଅ ଆଣିଦିଅ-
ସ୍ୱତଃ ଭାବଭକ୍ତି...
ଛାଏଁ ଛାଏଁ, ଆପେ ଆପେ...
ହୁଅନ୍ତୁ ପାଗଳ ସର୍ବେ,
ମାନିବାକୁ ସବୁ 'ନୀତି'-
ତୁମ ମନ୍ଦିରର
ଅସରା ସମ୍ଭାର
ଦିବ୍ୟପ୍ରଭା-ପ୍ରୀତି । ❑ ❑ ❑

ଏସ୍.ଭି.୩୦, ଶ୍ରୀକ୍ଷେତ୍ର ବିହାର
ଆଇଗିଣିଆ, ଭୁବନେଶ୍ୱର-୧୯